ମାଇକ୍ରୋୱେଭ୍ ପ୍ରକଳ୍ପ କୋଟା ଏବଂ ଅନ୍ୟଜଣେ

ବନାମ

ରମେଶ ଚାନ୍ଦ

ଜୁଲାଇ 18, 2007

[ଡ. ଅରିଜିତ ପଶାୟତ ଏବଂ ଏସ୍.ଏଚ୍. କପାଡିଆ, ନ୍ୟାୟମୂର୍ତ୍ତିଦ୍ୱୟ]

*ଶିଳ୍ପ ବିବାଦ ଅଧିନିୟମ, 1947:*

*ଧାରା 25-F ଏବଂ 2 (oo) (bb) – ନିର୍ଦ୍ଦିଷ୍ଟ ପ୍ରକଳ୍ପ ପାଇଁ ନିଯୁକ୍ତ ହୋଇଥିବା ଅସ୍ଥାୟୀ ଶ୍ରମିକ ଏବଂ ଚାକିରି ସମାପ୍ତ ହେବା ପରେ ତାଙ୍କୁ ଚାକିରିରୁ ମୁକ୍ତ କରାଯାଇଛି – ନ୍ୟାୟାଧିକରଣ ଏବଂ ଉଚ୍ଚ ନ୍ୟାୟାଳୟ  ଦର୍ଶାଇଥିଲେ ଯେ ଧାରା 25-F ର ବାଧ୍ୟତାମୂଳକ ଆବଶ୍ୟକତାକୁ ଉଲ୍ଲଂଘନ କରିଥିବାରୁ ତାଙ୍କର କାର୍ଯ୍ୟାନ୍ତର ଭୁଲ ଥିଲା-ଅପିଲରେ, ଦର୍ଶାଯାଇଛି:ଧାରା 25-F ର ପ୍ରଯୁଜ୍ୟତା ସମ୍ବନ୍ଧୀୟ ପ୍ରଶ୍ନ, ଧାରା 2 (oo) (bb)ର ପ୍ରଯୁଜ୍ୟତା ସମ୍ବନ୍ଧୀୟ ମୌଳିକ ପ୍ରଶ୍ନ ଉପରେ ନିର୍ଭରଶୀଳ - ଏହି ଦୃଷ୍ଟିକୋଣକୁ ଅଣଦେଖା କରାଯାଇଥିଲା - ମାମଲାକୁ ନ୍ୟାୟାଧିକରଣକୁ ପଠାଗଲା ।*

ଉତ୍ତରଦାତା, ଅପିଲକାରୀଙ୍କ ଦ୍ୱାରା ଏକ ନିର୍ଦ୍ଦିଷ୍ଟ ପ୍ରକଳ୍ପ ପାଇଁ ଜଣେ ଅସ୍ଥାୟୀ ଶ୍ରମିକ ଭାବରେ ନିୟୋଜିତ ହୋଇଥିଲେ । କାର୍ଯ୍ୟ ସମାପ୍ତ ହେବା ପରେ ଏବଂ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରେ, ଉତ୍ତରଦାତାଙ୍କୁ ତାଙ୍କ କାର୍ଯ୍ୟରୁ ମୁକ୍ତ କରାଯାଇଥିଲା । କାମର କୌଣସି ଆବଶ୍ୟକତା ନ ଥିବାରୁ ଅପିଲକାରୀମାନଙ୍କ କାର୍ଯ୍ୟାଳୟକୁ ମଧ୍ୟ ଉଚ୍ଛେଦ କରାଯାଇଥିଲା । ଉତ୍ତରଦାତା ତାଙ୍କ କାର୍ଯ୍ୟାନ୍ତରକୁ ଆପତ୍ତି କରି ବିବାଦ ଉଠାଇଥିଲେ ।

ଶିଳ୍ପ ନ୍ୟାୟାଧିକରଣ ଦର୍ଶାଇଥିଲେ ଯେ, ଯେହେତୁ ଅପିଲକାରୀଙ୍କ ପ୍ରତିଷ୍ଠାନରେ ଉତ୍ତରଦାତା 240 ଦିନ କାର୍ଯ୍ୟ କରିଥିଲେ, ଶିଳ୍ପ ବିବାଦ ଅଧିନିୟମ 25-Fର ବାଧ୍ୟତାମୂଳକ ଆବଶ୍ୟକତାକୁ ଉଲ୍ଲଂଘନ କରିଥିବାରୁ ତାଙ୍କର କାର୍ଯ୍ୟାନ୍ତର ଭୁଲ ଥିଲା । ଚାକିରିରୁ ହଟାଇବା ଧାରା 2 (oo) ଅନୁଯାୟୀ ଛଟେଇ ଏବଂ 30 ପ୍ରତିଶତ ବକେୟା ମଜୁରୀ ସହିତ ପୁନଃସ୍ଥାପନ ଆଦେଶ ଦେଇଥିଲେ । ଉଚ୍ଚ ନ୍ୟାୟାଳୟ ଏହି ଆଦେଶକୁ ବଜାୟ ରଖିଥିଲେ । ତେଣୁ ବର୍ତ୍ତମାନର ଅପିଲ ।

ଅପିଲକୁ ଅନୁମତି ଦେଇ ଏବଂ ନ୍ୟାୟାଧିକରଣକୁ ମାମଲା ପଠାଇ, ଏହି ନ୍ୟାୟାଳୟ

ଦର୍ଶାଇଥିଲେ: ନ୍ୟାୟାଧିକରଣ ଏହି ପ୍ରସଙ୍ଗକୁ ସଠିକ ଦୃଷ୍ଟିକୋଣରୁ ବିଚାର କରିବାରେ ବିଫଳ ହୋଇଥିଲେ । ଶିଳ୍ପ ବିବାଦ ଅଧିନିୟମ, 1947ର ଧାରା 2 (oo) (bb) ର ପ୍ରଭାବ ସମ୍ପୂର୍ଣ୍ଣ ଭାବେ ଅଣଦେଖା ହୋଇଯାଇଛି । କୌଣସି ବିବାଦ ନଥିଲା ଯେ ଏହି ନିଯୁକ୍ତି ଏକ ନିର୍ଦ୍ଦିଷ୍ଟ ପ୍ରକଳ୍ପ ପାଇଁ ଥିଲା ।

**ନ୍ୟାୟାଧିକରଣ ସମ୍ମୁଖରେ ଉପସ୍ଥାପିତ ବିଭିନ୍ନ ତଥ୍ୟଗୁଡିକ ଉପରେ କୌଣସି ଆଲୋଚନା ହୋଇନଥିଲା । ଉଚ୍ଚ ନ୍ୟାୟାଳୟର ଆଦେଶ ଏହି ଆଧାରରେ ଆଗକୁ ବଢ଼ିଲା ଯେ ଧାରା 25-F ର ଆବଶ୍ୟକତାକୁ ପାଳନ ନକରିବା କାରଣରୁ, ଅଧିନିର୍ଣ୍ଣୟ ଯଥାର୍ଥ ଥିଲା । ଅଧିନିୟମର ଧାରା 25-F ର ପ୍ରଯୁଜ୍ୟତା ପ୍ରଶ୍ନ, ଅଧିନିୟମର ଧାରା 2 (oo) (bb) ର ପ୍ରଯୁଜ୍ୟତା ସମ୍ବନ୍ଧୀୟ ମୌଳିକ ପ୍ରଶ୍ନ ଉପରେ ନିର୍ଭରଶୀଳ ହେବ । ସେହି ଦୃଷ୍ଟିକୋଣଟି ଅଣଦେଖା ହୋଇଯାଇଛି।**

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 2851/2005

ଏସ୍. ବି. ଦେୱାନୀ ରିଟ୍ ଆବେଦନ ସଂଖ୍ୟା 4276/1999 ରେ ଡି.ବି. ସ୍ୱତନ୍ତ୍ର ଅପିଲ(ରିଟ୍) ସଂଖ୍ୟା 194/2000 ସହ ଡି.ବି. ଦେୱାନୀ ବିବିଧ ସ୍ଥଗିତ ଆବେଦନ ସଂଖ୍ୟା 1155/2000ରେ ରାଜସ୍ଥାନର ଉଚ୍ଚ ନ୍ୟାୟାଳୟ, ଜୟପୁର ବିଚାରପୀଠଙ୍କ 04.02.2004 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀମାନଙ୍କ ପାଇଁ ଭି. କେ. ଶୁକ୍ଳା, ଏ. କେ. ତ୍ରିପାଠୀ ଏବଂ କେ. କେ. ମୋହନ ।
ଉତ୍ତରଦାତାଙ୍କ ପାଇଁ ଅଜୟ ଚୌଧୁରୀ ।

ନ୍ୟାୟାଳୟରେ ରାୟ ପ୍ରଦାନ କରାଯାଇଥିଲା ।

**ଡ. ଅରିଜିତ ପଶାୟତ, ନ୍ୟାୟମୂର୍ତ୍ତି** 1. ଅପିଲକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ସ୍ୱତନ୍ତ୍ର ଅନୁମତି ଖାରଜ କରି ରାଜସ୍ଥାନ ଉଚ୍ଚ ନ୍ୟାୟାଳୟ, ଜୟପୁର ବିଚାରପୀଠର ଏକ ଖଣ୍ଡପୀଠ ଦ୍ୱାରା ପାରିତ ଆଦେଶ ବିରୁଦ୍ଧରେ ଏହି ଅପିଲରେ ଆପତ୍ତି ହୋଇଛି ।

2. ସଂକ୍ଷେପରେ ପୃଷ୍ଠଭୂମି ତଥ୍ୟ ନିମ୍ନରେ ଦିଆଯାଇଛି:

ମାଇକ୍ରୋୱେଭ୍ ପ୍ରକଳ୍ପ ବୋରାବାସର ସହକାରୀ ଯନ୍ତ୍ରୀ ଦ୍ୱାରା ମାଇକ୍ରୋୱେଭ୍ ଟାୱାରରେ ନଟ୍ ଏବଂ ବୋଲ୍ଟ ମରାମତି କାର୍ଯ୍ୟ ପାଇଁ ଉତ୍ତରଦାତା ଜଣେ ଅସ୍ଥାୟୀ ଶ୍ରମିକ ଭାବରେ ନିଯୁକ୍ତ ହୋଇଥିଲେ । ମାଇକ୍ରୋୱେଭ୍ ଟାୱାରଗୁଡ଼ିକର କାର୍ଯ୍ୟ ସମାପ୍ତ ହେବା ଏବଂ କାର୍ଯ୍ୟକ୍ଷମ ହେବା ପରେ, ଉତ୍ତରଦାତାଙ୍କୁ 1.12.1987 ରେ ତାଙ୍କ ଚାକିରିରୁ ମୁକ୍ତ କରାଯାଇଥିଲା । ମାଇକ୍ରୋୱେଭ୍ କାର୍ଯ୍ୟାଳୟ, କୋଟାକୁ ମଧ୍ୟ ଉଚ୍ଛେଦ କରାଯାଇଥିଲା କାରଣ କାମର କୌଣସି ଆବଶ୍ୟକତା ନଥିଲା ଏବଂ କୌଣସି ପରିସ୍ଥିତିରେ ଏହା କେବଳ ଅସ୍ଥାୟୀ ପ୍ରକୃତିର ଥିଲା । ଉତ୍ତରଦାତା ଏକ ବିବାଦ ଉଠାଇଥିଲେ ଯେ ତାଙ୍କ ସେବା ସମାପ୍ତ ହୋଇଛି ଯାହା ବେଆଇନ । ଶ୍ରମ ମନ୍ତ୍ରଣାଳୟ, ଭାରତ ସରକାର, 30.9.1991 ତାରିଖର ଆଦେଶ ମାଧ୍ୟମରେ ଶିଳ୍ପ ବିବାଦ ଅଧିନିୟମ, 1947(ସଂକ୍ଷେପରେ 'ଏଫ୍' ଅଧିନିୟମ ')ର ଧାରା 10(1) ଅନୁଯାୟୀ ନିମ୍ନଲିଖିତ ବିବାଦକୁ ଶିଳ୍ପ ନ୍ୟାୟାଧିକରଣ (କେନ୍ଦ୍ରୀୟ) କୋଟା, ରାଜସ୍ଥାନକୁ ପଠାଇଥିଲେ ।

"ଏଇଏନ୍ ମାଇକ୍ରୋୱେଭ୍ ପ୍ରକଳ୍ପ, କୋଟା ଏବଂ ଏଲ୍ ଇ ଟି, ଜୟପୁରର କାର୍ଯ୍ୟାନୁଷ୍ଠାନ ଦ୍ୱାରା ଶ୍ରୀ ରମେଶ ଚାନ୍ଦ, ପିତା - ଶ୍ରୀ ଜାନକୀଦାସ, ଏ ଇ ଏନ୍ ମାଇକ୍ରୋୱେଭ୍ ପ୍ରକଳ୍ପ, କୋଟା ଅଧୀନରେ ଲାୱତଭାଟାରେ 1.12.1987 ତାରିଖ ପରଠାରୁ ଚାକିରିରୁ କାର୍ଯ୍ୟାନ୍ତର ହେବା ଯଥାର୍ଥ କି ? ଯଦି ନୁହେଁ, ତେବେ ସମ୍ପୃକ୍ତ ଶ୍ରମିକ କେଉଁ ପ୍ରତିକାର ପାଇବାକୁ ହକଦାର ?"

3. ଆବେଦନକାରୀଙ୍କ ତରଫରୁ ଏହା ନିବେଦନ କରାଯାଇଥିଲା ଯେ ସେ 8.12.1986ରେ ଅସ୍ଥାୟୀ ଶ୍ରମିକ ଭାବରେ ନିୟୋଜିତ ହୋଇଥିଲେ ଏବଂ ସେଥିପାଇଁ, ସେ 12 ମାସରେ 240 ଦିନରୁ ଅଧିକ କାମ କରିଥିବାରୁ ତାଙ୍କୁ ଚାକିରିରୁ କାର୍ଯ୍ୟାନ୍ତର କରାଯାଇ ପରିନଥାନ୍ତା । ଅପିଲକାରୀ ଏହି ଆଭିମୁଖ୍ୟ ଗ୍ରହଣ କରିଥିଲେ ଯେ ଉତ୍ତରଦାତା ଏକ ଅସ୍ଥାୟୀ ଶ୍ରମିକ ଆଧାରରେ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବା ପାଇଁ ନିୟୋଜିତ ଥିଲେ । ଯେହେତୁ କାର୍ଯ୍ୟ ସମାପ୍ତ ହେବା ପରେ ପ୍ରତିଷ୍ଠାନଟି ସ୍ୱୟଂ ବନ୍ଦ ହୋଇଯାଇଥିଲା, ତେଣୁ ଉତ୍ତରଦାତାଙ୍କ ଅନୁରୋଧ ଗ୍ରହଣ କରିବାର କୌଣସି ସୁଯୋଗ ନଥିଲା । ନ୍ୟାୟାଧିକରଣ ଦର୍ଶାଇଥିଲେ ଯେ ଯେହେତୁ ଉତ୍ତରଦାତା ବର୍ତ୍ତମାନର ଅପିଲକାରୀଙ୍କ ପ୍ରତିଷ୍ଠାନରେ 240 ଦିନ କାର୍ଯ୍ୟ କରିଥିଲେ, ତେଣୁ ତାଙ୍କ କାର୍ଯ୍ୟାନ୍ତର ଭୁଲ ହେବ କାରଣ ଅଧିନିୟମ 25-F ର ବାଧ୍ୟତାମୂଳକ ଆବଶ୍ୟକତାକୁ ଉଲ୍ଲଂଘନ କରାଯାଇଥିଲା । ଚାକିରିରୁ ହଟାଇବା ଅଧିନିୟମ 2 (oo) ଅନୁଯାୟୀ ଛଟେଇ କରିବା ଭଳି ଥିଲା । ଏହି ଉପସଂହାର ସହିତ ଏହା ଦର୍ଶାଯାଇଥିଲା ଯେ ଉତ୍ତରଦାତା 30 ପ୍ରତିଶତ ବକେୟା ମଜୁରୀ ସହିତ ଚାକିରିରେ ରହିବା ପାଇଁ ପୁନଃ ନିଯୁକ୍ତ ହେବାର ହକଦାର ଥିଲେ । ଉଚ୍ଚ ନ୍ୟାୟାଳୟରେ ଆଜ୍ଞାଦେଶ ଆବେଦନ  କରାଯାଇଥିଲା । ଏକ ଅତ୍ୟନ୍ତ ସଂକ୍ଷିପ୍ତ ଆଦେଶ ଦ୍ୱାରା ବିଜ୍ଞ ଏକକ ବିଚାରପତି ଦର୍ଶାଇଥିଲେ ଯେ ଶ୍ରମ ନ୍ୟାୟାଳୟ କହିଛନ୍ତି ଯେ ଅଧିନିୟମ 25-Fର ଆବଶ୍ୟକତାକୁ ଉଲ୍ଲଘଂନ କରାଯାଇଛି ଏବଂ ତେଣୁ କୌଣସି ବୈଧତା ନାହିଁ । ଖଣ୍ଡପୀଠ ମଧ୍ୟ ସମାନ ଉପସଂହାରରେ ପହଞ୍ଚିଥିଲେ ।

4. ଅପିଲକୁ ସମର୍ଥନ କରି ଅପିଲକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତା ଉପସ୍ଥାପନା କରିଥିଲେ ଯେ ଏହି କାର୍ଯ୍ୟ ଏକ ନିର୍ଦ୍ଦିଷ୍ଟ ପ୍ରକଳ୍ପ ପାଇଁ ଥିଲା ବୋଲି କୌଣସି ବିବାଦ ନାହିଁ । ନ୍ୟାୟାଧିକରଣ ଏହି ଦିଗଗୁଡ଼ିକ ବିଷୟରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି କିନ୍ତୁ ଉତ୍ତରଦାତାଙ୍କୁ ପ୍ରତିକାର ପ୍ରଦାନ କରିଥିଲେ । ଏହା ଉଲ୍ଲେଖ କରାଯାଇଥିଲା ଯେ ବର୍ତ୍ତମାନର ଅପିଲକାରୀଙ୍କ କାର୍ଯ୍ୟାଳୟ ଜୟପୁର ଡିଭିଜନ ଅଧୀନରେ ଥିଲା ଏବଂ ଡିଭିଜନର ବିଭାଜନ ପରେ ନୂତନ କୋଟା ଡିଭିଜନ ସୃଷ୍ଟି କରାଯାଇଛି ।

5. ଏହାର ଉତ୍ତରରେ, ଉତ୍ତରଦାତାଙ୍କ ବିଜ୍ଞ ଅଧିବକ୍ତା ଉପସ୍ଥାପନା କରିଥିଲେ ଯେ ଏହା ସ୍ୱୀକାର କରାଯିବା ଉଚିତ ଯେ ପ୍ରକଳ୍ପଟି ସମ୍ପୂର୍ଣ୍ଣ ହୋଇଛି, ତଥାପି ବିଭାଜନ ହୋଇଥିବା ତଥ୍ୟକୁ ଦୃଷ୍ଟିରେ ରଖି ନ୍ୟାୟାଧିକରଣ ଏହାର ଉପସଂହାରରେ ନ୍ୟାୟସଙ୍ଗତ ଥିଲେ ।

6. ଆମେ ଦେଖୁଛୁ ଯେ ନ୍ୟାୟାଧିକରଣ ପ୍ରସଙ୍ଗଗୁଡ଼ିକୁ ସଠିକ ଦୃଷ୍ଟିକୋଣରୁ ବିଚାର କରିବାରେ ବିଫଳ ହୋଇଥିଲେ । ଧାରା 2 (oo) (bb) ର ପ୍ରଭାବ ସମ୍ପୂର୍ଣ୍ଣ ଅଣଦେଖା ହୋଇଛି । ଏହା ନିର୍ବିବାଦିତ ଯେ ଏହି ନିଯୁକ୍ତି ଏକ ନିର୍ଦ୍ଦିଷ୍ଟ ପ୍ରକଳ୍ପ ପାଇଁ ଥିଲା।ନ୍ୟାୟାଧିକରଣଙ୍କ ସମ୍ମୁଖରେ ଉପସ୍ଥାପିତ ବିଭିନ୍ନ ତଥ୍ୟଗୁଡିକ ଉପରେ କୌଣସି ଆଲୋଚନା ହୋଇନଥିଲା।ଉଚ୍ଚ ନ୍ୟାୟାଳୟର ଆଦେଶ ଏହି ଆଧାରରେ ଆଗକୁ ବଢ଼ିଥିଲା ଯେ ଧାରା 25-F ର ଆବଶ୍ୟକତାକୁ ପାଳନ ନକରିବା କାରଣରୁ ଅଧିନିର୍ଣ୍ଣୟ ଯଥାର୍ଥ ଥିଲା । ଅଧିନିୟମ 25- F ର ପ୍ରଯୁଜ୍ୟତା ପ୍ରଶ୍ନ ଅଧିନିୟମ 2 (oo)(bb) ର ପ୍ରଯୁଜ୍ୟତା ସମ୍ବନ୍ଧୀୟ ମୌଳିକ ପ୍ରଶ୍ନ ଉପରେ ନିର୍ଭରଶୀଳ ହେବ । ସେହି ଦୃଷ୍ଟିକୋଣଟି ଅଣଦେଖା ହୋଇଛି । ସେଥିପାଇଁ ଆମେ ଭାବୁଛୁ ଯେ ଏହି ମାମଲାକୁ ନୂତନ ବିଚାର ପାଇଁ ନ୍ୟାୟାଧିକରଣକୁ ପଠାଇବା ଉଚିତ । ପକ୍ଷମାନଙ୍କୁ ସେମାନଙ୍କ ନିଜ ନିଜ ମତର ସମର୍ଥନରେ ତଥ୍ୟ ଉପସ୍ଥାପନ କରିବାକୁ ଅନୁମତି ଦିଆଯିବ । ଯେହେତୁ ଏହି ମାମଲା ଦୀର୍ଘ ଦିନ ଧରି ବିଚାରାଧୀନ ରହିଛି, ଆମେ ନ୍ୟାୟାଧିକରଣକୁ ଅନୁରୋଧ କରୁଛୁ ଯେ ଏହି ରାୟର ନକଲ ପାଇବା ତାରିଖ ଠାରୁ ଚାରି ମାସ ମଧ୍ୟରେ ଏହି ମାମଲାର ଫଏସଲା କରନ୍ତୁ ।

7. ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ବିନା ଅପିଲକୁ ଅନୁମତି ଦିଆଯାଇଛି ।

ଡି. ଜି. ଅପିଲକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦକ**

**ସୌମ୍ୟରଞ୍ଜନ ବେହେରା, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ।**